ସକାଳ
THE SAKALA



## ଓକିଲ ସଂଘ ନିର୍ବାଚନ ପାଇଁ ବାଜିଲା ବିଗୁଲ୍

# 'ୱାନ ବାର୍ ୱାନ ଭୋଟ' ନିୟମରେ ମତଦାନ



- ମାର୍ଚ୍ଚ ୨୮ ରେ ମତଦାନ, ପ୍ରଥମ ଥର ମହିଳାଙ୍କ ପାଇଁ ୩୦% ସଂରକ୍ଷଣ ବ୍ୟବସ୍ଥା ଲାଗୁ
- ସଂଘ କାର୍ଯ୍ୟାଳୟ ଓ କୋର୍ଟ କ୍ୟାମ୍ପସରେ ପୋଷ୍ଟର, ବ୍ୟାନର, ଫ୍ଲେକ୍ସ ଓ ହୋର୍ଡିଂ ମନା
- ଗଞ୍ଜାମ ଓକିଲ ସଂଘରେ ଏଥର ପଞ୍ଜିକୃତ ଭୋଟରଙ୍କ ସଂଖ୍ୟା ୧୭୫୯

ବ୍ରହ୍ମପୁର, ୨୭ ।୨(ସମିସ)

ଚଳିତ ବର୍ଷ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ବାଜିଛି ବିଗୁଲ। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସହବନ୍ଧିତ ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଗୋଟିଏ ଦିନରେ ଅର୍ଥାତ୍ 'ୱାନ ବାର ୱାନ ଭୋଟ' ଆଧାରରେ କରାଯିବ। ଏଥିପାଇଁ ଆସନ୍ତା ମାର୍ଚ୍ଚ ୨୮ ତାରିଖ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଅର୍ଥାତ୍ ଆସନ୍ତା ମାର୍ଚ୍ଚ ୨୮ ତାରିଖରେ ରାଜ୍ୟବ୍ୟାପୀ ସମସ୍ତ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ଏକା ସମୟରେ ଭୋଟଗ୍ରହଣ କରାଯିବ। ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସମ୍ପାଦକ ଜେ.କେ.ସାମନ୍ତସିଂହାରଙ୍କ ଦ୍ୱାରା ସମସ୍ତ ଓକିଲ ସଂଘର ନିର୍ବାଚନ ଅଧିକାରୀଙ୍କ ନିକଟକୁ ନିର୍ବାଚନ ପରିଚାଳନା ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ଜାରି ହୋଇଥିବା ମାର୍ଗଦର୍ଶିକା ପ୍ରକାରେ ନିର୍ବାଚନକୁ ମୁକ୍ତ, ଅବାଧ, ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ଭାବେ କରାଯିବ। ଆଇନଜୀବୀ ପରିଷଦ ପକ୍ଷରୁ ଜାରି କରାଯାଇଥିବା ଭୋଟର ତାଲିକା ପ୍ରକାରେ ମତଦାନ କରାଯିବ। ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଯାଇ କୌଣସି ମତେ ସଂଘ କାର୍ଯ୍ୟାଳୟ ଅଥବା କୋର୍ଟ କ୍ୟାମ୍ପସରେ ପୋଷ୍ଟର, ବ୍ୟାନର, ଫ୍ଲେକ୍ସ କିମ୍ବା ହୋର୍ଡିଂ ଲଗାଇ ପାରିବେ ନାହିଁ ବୋଲି ସ୍ପଷ୍ଟ କଟକଣା ଜାରି କରାଯାଇଛି। ଏଥିରେ ଖିଲାପ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଜାରି ନୋଟିସରେ ସ୍ପଷ୍ଟ ଉଲ୍ଲେଖ ରହିଛି। ନବ ନିର୍ବାଚିତ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ମାର୍ଚ୍ଚ ୩୧ତାରିଖ ଠାରୁ ୨୦୨୭ମସିହା ଏପ୍ରିଲ ୧ ପର୍ଯ୍ୟନ୍ତ ଅର୍ଥାତ୍ ଏକ ବର୍ଷ ପାଇଁ ଉଦ୍ଦିଷ୍ଟ। ନିର୍ବାଚନ ପାଇଁ ମାର୍ଚ୍ଚ ୭ରୁ ୯ତାରିଖ ପର୍ଯ୍ୟନ୍ତ ୩ଦିନ ଧରି ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଜାରି ରହିବ। ୧୦ତାରିଖରେ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପରେ ୧୧ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୧୨ତାରିଖରେ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରାଯିବ। ୧୩ତାରିଖରେ ନାମାଙ୍କନ ପତ୍ର ପ୍ରତ୍ୟାହାର ପାଇଁ ଦିନଟିଏ ରଖାଯାଇଥିବା ବେଳେ ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ତାଲିକା ଘୋଷଣା କରାଯିବ। ପରେ ଆସନ୍ତା ମାର୍ଚ୍ଚ ୨୮ତାରିଖ ପୂର୍ବାହ୍ନ ୭ଟା ୩୦ମିନିଟରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇ ୪ଟା ଠାରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା ହେବ। ଫଳାଫଳ ଘୋଷଣାର ୪୮ଘଣ୍ଟା ମଧ୍ୟରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ତାଲିକା ରାଜ୍ୟ ବାର କାଉନସିଲର ସମ୍ପାଦକଙ୍କୁ ପ୍ରେରଣ କରାଯିବ। ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ସହିତ ଗଞ୍ଜାମ ଓକିଲ ସଂଘରେ ମାହୋଲ ସରଗରମ ରହିଛି। ପ୍ରାର୍ଥୀଙ୍କ ମଧ୍ୟରେ ଉତ୍ସାହ ଓ ଉଦ୍ଦିପନା ବଢ଼ିବାରେ ଲାଗିଛି। ଚଳିତ ବର୍ଷ ପ୍ରଥମ ଥର ପାଇଁ ମହିଳା ଆଇନଜୀବୀଙ୍କୁ ମୋଟ ପଦବୀର ଶତକଡା ୩୦ପ୍ରତିଶତ ସଂରକ୍ଷଣ ରଖାଯାଇଛି। ଫଳରେ ଗଞ୍ଜାମ ଓକିଲ ସଂଘରେ ଥିବା ମୋଟ ୧୧ଟି ପଦବୀ ମଧ୍ୟରୁ ୩ଟି ପଦବୀ ମହିଳା ଆଇନଜୀବୀଙ୍କ ପାଇଁ ସଂରକ୍ଷିତ ଥିବା ଜଣାପଡ଼ିଛି। ଗଞ୍ଜାମ ଓକିଲ ସଂଘରେ ସଭାପତି, ଉପ ସଭାପତି, ସମ୍ପାଦକ ଓ ସହ ସମ୍ପାଦକ ପଦବୀ ସହିତ ୭ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ରହିଛି। ପୂର୍ବରୁ ୭ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ମଧ୍ୟରୁ ଗୋଟିଏ ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। ତେବେ ଚଳିତ ଥର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ୩୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ଯାଇ ମୋଟ ୭ଟି କାର୍ଯ୍ୟନିର୍ବାହୀ ପଦବୀ ମଧ୍ୟରୁ ୩ଟି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିବା ନିର୍ବାଚନ ଅଧିକାରୀ ନୟନ ମହାପାତ୍ରଙ୍କ ଠାରୁ ସୂଚନା ମିଳିଛି। ସେହିଭଳି ଚଳିତ ବର୍ଷ ମୋଟ ୧୭୫୯ଜଣ ଭୋଟର ଆଇନଜୀବୀ ସଦସ୍ୟ ପଞ୍ଜିକୃତ କରିଥିବା ବେଳେ ସେଥିମଧ୍ୟରୁ ୧୫୮ଜଣ ନୂତନ ଓ ଶତାଧିକ ମହିଳା ଭୋଟର ଥିବା ଜଣାପଡ଼ିଛି। ପୂର୍ବ ବର୍ଷ ଗଞ୍ଜାମ ଓକିଲ ସଂଘର ମୋଟ ଭୋଟର ସଂଖ୍ୟା ୧୬୬୨ଥିଲା। ନିର୍ବାଚନ ପାଇଁ ହାତରେ କମ୍ ଦିନ ଥିବା ବେଳେ ପୋଷ୍ଟର, ବ୍ୟାନର, ଫ୍ଲେକ୍ସ ଓ ହୋର୍ଡିଂ କଟକଣା ଯୋଗୁଁ ପ୍ରାର୍ଥୀମାନେ ବ୍ୟକ୍ତିଗତ, ଗୋଷ୍ଠୀଗତ, ଘରକୁ ଘର ବୁଲି ପ୍ରଚାର କରିବା ସହିତ ସୋସିଆଲ ମିଡିଆ ମାଧ୍ୟମରେ ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଜାରି ରଖିଛନ୍ତି। ଚଳିତ ବର୍ଷ ସମସ୍ତ ପଦବୀରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

## ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

- ୨୦ଭରି ସୁନା ଅଳଙ୍କାର ଓ ନଗଦ ଦେଢ଼ ଲକ୍ଷ ଟଙ୍କା ଲୁଟ୍
- ପୁଲିସ କବ୍‌ଜାରେ ୪ ସନ୍ଦିଗ୍ଧ

ବ୍ରହ୍ମପୁର, ୨୭ ।୨(ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଗତ କିଛିଦିନ ଧରି ଚୋରି ମାମଲା ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ସଂଗ୍ରହ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଜାରି ରଖିଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ କେଶବ ନଗର ଅର୍ଥାତ ଯାତ୍ରା ପଡ଼ିଆ ଉପରେ ରହୁଥିବା ପ୍ରଫୁଲ୍ଲ ମିଶ୍ର ଓରଫ ଟଙ୍କ ମିଶ୍ରଙ୍କ ଘରୁ ବଡ଼ ଧରଣର ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରଫୁଲଙ୍କ ସ୍ତ୍ରୀ ଜଣେ ଅବସରପ୍ରାପ୍ତ ଶିକ୍ଷୟତ୍ରୀ। ଆଜି ମୋର୍ନିଂ ୱାର୍କରୁ ଫେରିବା ବେଳେ ତାଙ୍କ ଘରେ ପଶି ଦୁର୍ବୃତ୍ତମାନେ କଳାକନା ବୁଲାଇ ଘରେ ଥିବା ୨୦୦ଗ୍ରାମ ସୁନା ଅଳଙ୍କାର ଓ ନଗଦ ୧ ଲକ୍ଷ ୬୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ପୁଲିସ ଏହି ଚୋରି ମାମଲାରେ ୪ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଖୁବଶୀଘ୍ର ପୁଲିସ ଏହି ମାମଲାର ପର୍ଦ୍ଦାଫାସ କରିବ ବୋଲି ଜଣାପଡ଼ିଛି। ତଦନ୍ତରେ ବାଧାପ୍ରାପ୍ତ ହେବ ଆଶା କରି ପୁଲିସ ଅଟକଙ୍କ ନାମ ଗୁପ୍ତ ରଖିଛି। ବାରମ୍ବାର ଲାଞ୍ଜିପଲ୍ଲୀ ଅଞ୍ଚଳରୁ ଚୋରି ହେଉଥିବାରୁ ପୁଲିସ ପେଟ୍ରୋଲିଂ କଡାକଡି କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ବୁଲେଟ୍-ସ୍କୁଟି ମୁହାଁମୁହିଁ ଧକ୍କା

## ବିଜେଡି ଯୁବ ସଂଗଠକଙ୍କ ମୃତ୍ୟୁ; ୩ ଆହତ

ଦିଗପହଣ୍ଡି, ୨୭ ।୨(ସମିସ): ଦିଗପହଣ୍ଡି-ଘୋଡାହାଡ଼ ଡ୍ୟାମ ରାସ୍ତାର ବିଦେଶୀ ମଦ ଦୋକାନ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ବୁଲେଟ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ଘଟିଥିଲା। ଦୁର୍ଘଟଣାରେ ସିଦ୍ଧେଶ୍ୱର ପଞ୍ଚାୟତ ଆଦିକନ୍ଦପୁର ଗ୍ରାମର ବିଜେଡ଼ି ଯୁବ ସଂଗଠକ ବି. ଗଣେଶ ରେଡ୍ଡୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆଦିକନ୍ଦପୁର ଗ୍ରାମର ଚେରୁ ରେଡ୍ଡୀ, ଭୂଷୁଣ୍ଡା ଗ୍ରାମର ରାଜା ପ୍ରଧାନ ଓ ସାନଖେମୁଣ୍ଡି ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ଆଦର୍ଶ ଦଳାଇ ଆହତ ହୋଇଛନ୍ତି। ଗଣେଶ ଓ ଚେରୁ ଉଭୟ ମିଶି ବୁଲେଟ ନଂ (ଓଡି୦୯ଡି- ୩୫୩୭) ଯୋଗେ ଗାଁକୁ ଫେରୁଥିବା ବେଳେ ବିପରୀତ ଦିଗରୁ ଦିଗପହଣ୍ଡିରୁ ଭୂଷୁଣ୍ଡା ଗ୍ରାମକୁ ଯାଉଥିବା ସ୍କୁଟି ନଂ.(ଓଡି ୦୭ଏଏସ୍ - ୬୪୧୮) ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସମସ୍ତେ ରାସ୍ତା ଉପରେ କଚାଡି ହୋଇ ପଡ଼ିଥିଲେ। ଗଣେଶ ଯୁବ ବିଜେଡ଼ିର ଜଣେ ସୁସଙ୍ଗଠକ ହୋଇଥିବାରୁ ଖବରପାଇ ତାଙ୍କ ବହୁ ସଂଖ୍ୟକ ସାଙ୍ଗସାଥି ମୁହୂର୍ତ୍ତକ ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ସମସ୍ତ ଆହାତଙ୍କୁ ଚେତାଶୂନ୍ୟ ଅବସ୍ଥାରେ ଉଦ୍ଧାର କରାଯାଇ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ଉପସ୍ଥିତ ଡାକ୍ତର ଗଣେଶଙ୍କୁ ମୃତ ଘୋଷଣା କରିଥିବା ବେଳେ ପ୍ରାଥମିକ ଚିକିତ୍ସା ପରେ ରାଜା, ଆଦର୍ଶ ଓ ଚେରୁଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା।

ଖବରପାଇ ଦିଗପହଣ୍ଡି ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରି ଥାନାକୁ ନେଇଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରୁ ଗଣେଶଙ୍କ ମୃତଦେହକୁ ପୁଲିସ ଜବତ କରି ଥାନା ମାମଲା ନଂ. ୭୦/୨୬ ଅନୁଯାୟୀ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସିଦ୍ଧେଶ୍ୱର ସରପଞ୍ଚ ବିଜୟ କୁମାର ପ୍ରଧାନ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଗଣେଶଙ୍କ ବହୁ ସଂଖ୍ୟକ ସାଙ୍ଗ ସାଥି ଓ ସହପାଠୀ ତାଙ୍କ ପୈତୃକ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶବ ଶୋଭାଯାତ୍ରାରେ ସାମିଲ ଥିଲେ। ସନ୍ଧ୍ୟାରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ କରାଯାଇଥିବା ଜଣାପଡ଼ିଛି। ଗଣେଶଙ୍କ ଆକସ୍ମିକ ମୃତ୍ୟୁରେ ଦିଗପହଣ୍ଡି ବ୍ଲକ ତଥା ସିଦ୍ଧେଶ୍ୱର ପଞ୍ଚାୟତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମର ସମୀକ୍ଷା




ଛତ୍ରପୁର, ୨୭ ।୨(ସମିସ): ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅବସରରେ "ନିର୍ଭୟା କଢ଼ି, ମୋ ଗେଲହା ଝିଅ", ଶିଶୁ ଶ୍ରମିକ ନିରାକରଣ ପାଇଁ ଜିଲ୍ଲା ଟାସ୍କ ଫୋରସ କମିଟି, ଜିଲ୍ଲା ଶିଶୁ ସୁରକ୍ଷା କମିଟି ତଥା ମିଶନ ବାତ୍ସଲ୍ୟର ତ୍ରୈମାସିକ ସମୀକ୍ଷା ବୈଠକ ଗଂଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଲ୍ୟ ବିବାହ, କନ୍ୟା ଭ୍ରୁଣ ହତ୍ୟା ଓ ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କ ସମସ୍ୟା କେମିତି ଗଂଜାମ ଜିଲ୍ଲାରୁ ସମ୍ପୂର୍ଣ୍ଣ ରୂପେ ଦୂର କରାଯାଇପାରିବ ସେ ଦିଗରେ ସମସ୍ତଙ୍କର ସମ୍ମିଳତ ପ୍ରୟାସକୁ ଆହୁରି ଦୃଢ଼ୀଭୁତ କରିବାର ଆବଶ୍ୟକତା ରହିଛି। ପିଲାମାନେ ହେଉଛନ୍ତି ଆମର ଭବିଷ୍ୟତ। ସେମାନଙ୍କ ପାଇଁ ଆମେ ଭଲ ସୁଯୋଗ ଓ ସୁବିଧା ନେଇଆସୁଛେ ଅର୍ଥ ଆମେ ଆମ ରାଜ୍ୟ ଓ ଦେଶର ଭବିଷ୍ୟତକୁ ସୁଦୃଢ଼ କରୁଛେ। ତେଣୁ କୋମଳମତି ପିଲାମାନଙ୍କର ସମସ୍ୟାକୁ ଆନ୍ତରିକତାର ସହ ସମାଧାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେବା ସହ ବିଭାଗ ଗୁଡିକର ସମ୍ମିଳିତ ସହଯୋଗ କାମନା କରିଛନ୍ତି। ବାଲ୍ୟବିବାହ ଓ କିଶୋରୀ ସଶକ୍ତିକରଣ ପାଇଁ କାର୍ଯ୍ୟକାରୀ ହେଉଥିବା ନିର୍ଭୟା କଢି ଅଭିଯାନକୁ ସୁଚାରୁରୂପେ ସମ୍ପାଦିତ କରିବା ପାଇଁ ସେ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁରୂପ ଭାବରେ କନ୍ୟା ଭ୍ରୁଣହତ୍ୟାକୁ ରୋକିବା ଏବଂ ଶିଶୁ ଶ୍ରମିକ ପ୍ରଥାକୁ ସମ୍ପୂର୍ଣ୍ଣ ଲୋପ କରିବା ପାଇଁ ଆଇନ କାନୁନର ଦୃଢ ଓ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଶିଶୁଙ୍କ ପାଇଁ ଦିନ ଟିଏ ଅଭିଯାନ ଅଧୀନରେ ଥିବା ସମସ୍ତ କାର୍ଯ୍ୟକାରୀ କମିଟିର ସଦସ୍ୟ, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

## ତାଲାବନ୍ଦ ଘରୁ ସୁନା ଅଳଙ୍କାର ଓ ଟଙ୍କା ଚୋରି

ବ୍ରହ୍ମପୁର, ୨୭ ।୨(ସମିସ): ଟାଉନଥାନା ଅନ୍ତର୍ଗତ ଶୁଭମ ବିହାର ୫ମ ଲାଇନରେ ରହୁଥିବା ବ୍ୟବସାୟୀ ସୁଦର୍ଶନ ନାୟକଙ୍କ ଘରୁ ଚୋରି ହୋଇଛି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ଗତକାଲି ବିଳମ୍ବିତ ରାତିରେ ସୁଦର୍ଶନଙ୍କ ଘରେ ପଶି ଦୁର୍ବୃତ୍ତମାନେ ଘରେ ଥିବା ୨୦ଗ୍ରାମ ସୁନା, ଅଧକିଲୋ ରୂପା, ନଗଦ ୪୦ହଜାର ଟଙ୍କା ଚୋରି କରିଥିଲେ। ଚୋରି ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ।

## ବେଆଇନ ଇଟା ଭାଟିରେ ଚାଲିଲା ବୁଲ୍‌ଡୋଜର

ଆସିକା, ୨୭ ।୨(ସମିସ): ଆକ୍ସନ ମୋଡ଼ରେ ଆସିକା ତହସିଲଦାର। ବେଆଇନ ମାଟି ଇଟା ଭାଟି ଉପରେ ଚଢ଼ାଇଲେ ବୁଲଡୋଜର। ଭାଙ୍ଗିଲେ ହଜାର ହଜାର କଞ୍ଚା ଇଟା। ବେଆଇନ ଭାବେ କୋଇଲା ଓ ଖଇରେ ନିଆଁ ଲଗାଇ ପୋଡା ଯାଉଥିଲା ଇଟା। ଆସିକା ରିଷିପୁର ଓ ବାବନପୁର ନିକଟରେ ଥିବା ଏକ ଭାଟିର ଇଟାକୁ ଶୁକ୍ରବାର ଆସିକା ତହସିଲଦାର ଓ ପୁଲିସ ଉପସ୍ଥିତିରେ ଭଙ୍ଗା ଯାଇଛି। ଏବେ ବହୁ ସଂଖ୍ୟାରେ ଇଟାଭାଟି ମୁଣ୍ଡ ଟେକିଥିବା ବେଳେ କେବଳ କେତୋଟି ଇଟାଭାଟି ଉପରେ ଚଢ଼ଉ ଓ ମାଟି ଇଟାକୁ ଭାଙ୍ଗି ପ୍ରତିବର୍ଷ ପ୍ରଶାସନ ଚୁପ ରହି ଯାଉଛି। ଫଳରେ ଇଟାଭାଟି ଗୁଡିକରେ ଖଇ ଓ କୋଇଲା ପକାଇ ନିଆଁ ଜାଳି ଇଟା ପୋଡା ଯାଉଛି। ଯାହା ଫଳରେ ପ୍ରତିଦିନ ପରିବେଶ ପ୍ରଦୂଷଣ ହେଉଛି। ତେଣୁ ଅନ୍ୟ ବେଆଇନ ଇଟା ଭାଟି ଉପରେ ପ୍ରଶାସନ କେବେ ଚଢ଼ଉ କରୁଛି ତାହା ଉପରେ ସମସ୍ତଙ୍କ ନଜର। ଏହି ବେଆଇନ ଇଟାଭାଟି ଚଢ଼ଉବେଳେ ସ୍ଥାନୀୟ ତହସିଲଦାର ସଙ୍ଗୀତା ସେଣ, ଅତିରିକ୍ତ ତହସିଲଦାର ଅମରେଶ ସାବତ, ଥାନା କର୍ମଚାରୀ କାଳୀ ଚରଣ ପାଢ଼ୀ, ସୁପରଭାଇଜର ସୁନୀଲ କୁମାର ମହାରଣା, ରାଜସ୍ୱ ନିରୀକ୍ଷକ ସୁଧାଂଶୁ ଶେଖର ଗୌଡ଼, ଅମିନ ଜିଲୁ କୁମାର ପ୍ରଧାନ, ସୁନୀଲ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



## ବନାଗ୍ନି ପ୍ରତିରୋଧ ସଚେତନତା ଶିବିର



ଶେରଗଡ଼ ୨୭ ।୨(ସମିସ): ଚଳିତ ବର୍ଷ ବହୁତ ଜଲଦି ଖରାର ପ୍ରଭାବ ସାଧାରଣ ଜନତା ସହ ପଶୁପକ୍ଷୀଙ୍କୁ ଅସ୍ତବ୍ୟସ୍ତ କଲାଣି। ଏହି ଖରା ଦାଉରୁ ରକ୍ଷା ପାଇବା ଲାଗି ଆମକୁ ସଚେତନତାର ଆବଶ୍ୟକତା ରହିଛି। ଏହାକୁ ନେଇ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ଆସିକା ରେଞ୍ଜ ଅଧିନସ୍ଥ ଷଢଙ୍ଗୀପଲ୍ଲି ବିଟରେ ଶୁକ୍ରବାର ଏକ ବନାଗ୍ନି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭଞ୍ଜନଗର ଏସିଏଫ ପ୍ରଦୀପ କୁମାର ବେହେରା, ଧରାକୋଟ ବିଡିଓ ସଂଗ୍ରାମ ଜେନା, ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ଶେରଗଡ଼ ମିଡିଆ ହାଉସ ସଭାପତି ମେଘନାଦ ଦାସ, ଷଢଙ୍ଗୀପଲ୍ଲି ଫରେଷ୍ଟର ପି.ସୁରଜ କୁମାର, ଶେରଗଡ଼ ଫରେଷ୍ଟର ରାଜେନ୍ଦ୍ର କୁମାର ଗୌଡ଼, ଫରେଷ୍ଟର ରାଜେନ୍ଦ୍ର ରାଉତ, ଫରେଷ୍ଟର ଶରତ ବେହେରା, ତ୍ରି ଫାଉଣ୍ଡେସନର ସମ୍ପାଦକ ନିରାକାର ବିଷୋୟୀ, ସ୍ୱେଚ୍ଛାସେବୀ ରାମକୃଷ୍ଣ ପଣ୍ଡା ଯୋଗଦେଇ ଏହି ଖରା ଦାଉରୁ ରକ୍ଷା ପାଇବାକୁ ହେଲେ ଆମକୁ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସହ ସୁରକ୍ଷାର ଆବଶ୍ୟକତା ରହିଛି। ଜଙ୍ଗଲ ସୁରକ୍ଷିତ ରହିଲେ ଜୈବ ବିବିଧତା ବଜାୟ ରହିବା ସହ ମହାମାରୀ, ଦୈବୀ ଦୁର୍ବିପାକରୁ ରକ୍ଷା ମିଳିବ ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଥିଲେ। ଶିବିରରେ ଶେରଗଡ଼ ଅଗ୍ନିଶମ ବାହିନୀର ହାବିଲଦାର ଜଗନ୍ନାଥ ନାୟକ ଓ କନଷ୍ଟେବଲ ମନୋରଞ୍ଜନ ପ୍ରଧାନ ଯୋଗ ଦେଇ ଜଙ୍ଗଲରେ ନିଆଁ ଲାଗିଲେ କେମିତି ଆୟତ୍ତ କରାଯାଇପାରିବ ସେନେଇ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ।

## ବେସରକାରୀ ପରିଦର୍ଶକ କମିଟିର କାରାଗାର ପରିଦର୍ଶନ

ଭଞ୍ଜନଗର, ୨୭ ।୨(ସମିସ): ସ୍ଥାନୀୟ ପୁରାତନ ସ୍ୱତନ୍ତ୍ର ଉପ କାରାଗାର ପରିଦର୍ଶନ କମିଟି କୃତ୍ତିବାସ ବିଶ୍ୱାଳ, ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜଗବନ୍ଧୁ ଜେନା, ଅନୁପମ ବାନାର୍ଜୀ ଓ ଗୀତାଞ୍ଜଳି ସୁବୁଦ୍ଧି ଯାଇ କାରାଗାର ଅନ୍ତେବାସୀଙ୍କ ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି। ଜେଲ ଅଧୀକ୍ଷକ ମାନସ ରଞ୍ଜନ ସାମନ୍ତଙ୍କ ତତ୍ତ୍ୱାବଧାନରେ ଖାଦ୍ୟ ପ୍ରସ୍ତୁତି ଓ ତାର ମାନ, ମହିଳା ୱାର୍ଡ, ପୁରୁଷ ୱାର୍ଡ, ସଫା ସୁତୁରା, କର୍ମନିଯୋଜନ ପାଇଁ ଆସିଥିବା ଯନ୍ତ୍ରାଂଶ, ଟେଲିଫୋନ ବୁଥ ଓ ଯୋଗ ଶିକ୍ଷା ଉପରେ ଦୁଇ ପ୍ରଶିକ୍ଷକ ନିଯୁକ୍ତି ହୋଇଥିବା ବୁଲି ଦେଖିଥିଲେ। ଜେଲ ଅଧିକ୍ଷକ ଶ୍ରୀ ସାମନ୍ତ ବେସରକାରୀ ପରିଦର୍ଶକ କମିଟିକୁ ସମ୍ପୂର୍ଣ୍ଣ ସହଯୋଗ ଦେଇ ବିଭିନ୍ନ ସୁବିଧା ଅସୁବିଧା ଉପରେ ଅନ୍ତେବାସୀଙ୍କ ସହିତ ଭାବ ବିନିମୟ କରିଥିଲେ। କାରାଗାର ଅନ୍ତେବାସୀ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ ଦେଇ ତାଙ୍କର ମନର କଥା କହିଥିଲେ।



## ଟ୍ରକ୍ ଡ୍ରାଇଭରକୁ ଅଟକାଇ ମୋବାଇଲ ଓ ଟଙ୍କା ଲୁଟ୍ ଅଭିଯୋଗ; ୩ ଗିରଫ

ବ୍ରହ୍ମପୁର/କୁକୁଡ଼ାଖଣ୍ଡି, ୨୭ ।୨(ସମିସ): ଜଣେ ଟ୍ରକ୍ ଡ୍ରାଇଭରକୁ ରାସ୍ତାରେ ଅଟକାଇ ମାଡ଼ ମାରିବା ପରେ ସେ ଧରିଥିବା ମୋବାଇଲ ଓ ଟଙ୍କା ଲୁଟ୍ କରିବା ଅଭିଯୋଗରେ ସଦର ଥାନା ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ୩ ଅଭିଯୁକ୍ତମାନେ ହେଲେ ରତନପୁର ଗ୍ରାମର ଲକି ଦାସ(୨୪), ରୁଦ୍ର ଦାସ(୨୧) ଓ ଫାଷ୍ଟଗେଟ କାଲୁଆ ସାହିର ସୁଶାନ୍ତ ବେହେରା (୨୬)। ପୁଲିସ ଅଭିଯୁକ୍ତମାନଙ୍କ ଠାରୁ ଗୋଟିଏ ମୋବାଇଲ୍ ଫୋନ୍, ନଗଦ ୨ହଜାର ଟଙ୍କା ଓ ଘଟଣାରେ ବ୍ୟବହୃତ ବୁଲେଟ୍ ଜବତ ହୋଇଥିବା ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଡୁରା ଗ୍ରାମ ନିବାସୀ ଉପେନ୍ଦ୍ର ଗୌଡ଼ ପେଶାରେ ଜଣେ ଡ୍ରାଇଭର। ସେ ଗତ ୨୪ତାରିଖ ରାତି ସାଢ଼େ ୧୦ଟାରେ ଟ୍ରକ୍ ଯୋଗେ ବ୍ରହ୍ମପୁରରୁ ହିଞ୍ଜିଳିକାଟୁ ଯାଉଥିବା ସମୟରେ ରତନପୁର-ଜଗଦଳପୁର ରାସ୍ତା (ଜାତୀୟ ରାଜପଥନଂ-୫୯) ରେ ତାଙ୍କୁ ୩ଜଣ ଦୁର୍ବୃତ୍ତ ଗୋଟିଏ ବୁଲେଟ ଗାଡ଼ିରେ ଆସି ଅଟକାଇଲେ। ପରେ ତାଙ୍କୁ ଟଙ୍କା ମାଗିଥିଲେ। ଉପେନ୍ଦ୍ର ଟଙ୍କା ଦେବାକୁ ମନା କରିବାକୁ ଦୁର୍ବୃତ୍ତମାନେ ତାଙ୍କ ସାର୍ଟ ପକେଟରୁ ସେ ଧରିଥିବା ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ। ମୋବାଇଲ ନେବାପରେ ଉପେନ୍ଦ୍ର ଟ୍ରକରୁ ଓହ୍ଲାଇବା ସମୟରେ ଦୁର୍ବୃତ୍ତମାନେ ତାଙ୍କୁ ମାରପିଟ କରି ସେ ଧରିଥିବା ୫ହଜାର ୫୦୦ଟଙ୍କା ଲୁଟି ନେଇ ଘଟଣା ସ୍ଥଳରୁ ବୁଲେଟ ଗାଡ଼ିରେ ବସି ଚମ୍ପଟ ମାରିଥିଲେ। ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିବା ବେଳେ ଉପେନ୍ଦ୍ର ବୁଲେଟ ଗାଡ଼ି ନମ୍ବର ନୋଟ୍ କରିବାରେ ସଫଳ ହୋଇଥିଲେ। ପରେ ସେ ଟ୍ରକ୍ ମାଲିକଙ୍କୁ ଘଟଣା ବିଷୟରେ ଜଣାଇଲେ ଏବଂ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଥାନାରେ ଅଭିଯୋଗ ହୋଇଥିବା ବୁଲେଟ ନଂକୁ ପୁଲିସ ଯାଞ୍ଚ କରି ଗାଡ଼ିର ମାଲିକାନାକୁ ଯୋଗାଯୋଗ କରି ଉପରୋକ୍ତ ୩ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଥିଲା।




## କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

# ଭିତ୍ତିଭୂମି ଲାଗି ଖର୍ଚ୍ଚ ହେବ ୪୮ ଲକ୍ଷ

ଭଞ୍ଜନଗର, ୨୭ ।୨(ସମିସ)



ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟର ଚଳିତ ବର୍ଷର ତୃତୀୟ ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଉପଜିଲ୍ଲାପାଳ ତଥା ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ଉମାଶଙ୍କର ବେହେରା ଯୋଗଦେଇ ଚଳିତବର୍ଷ ଯୁକ୍ତ ୨ ବିଜ୍ଞାନ ଖୋଲିବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ବିଦ୍ୟାଳୟର ଭିତ୍ତିଭୂମି ସଜାଡିବାକୁ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ଓ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ଉଲ୍ଲେଖ କରିଥିଲେ। ସେହିପରି ଛାତ୍ରଛାତ୍ରୀମାନେ ଖାଇବା ତେଲ, ଚିନି ବ୍ୟବହାର କିଭଳି କମାଇବେ ସେ ଉପରେ ମଧ୍ୟ ଅଧିକରୁ ଅଧିକ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଉପଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ପ୍ରଦୀପ କମାନୁ ବିଦ୍ୟାଳୟର ବିବରଣୀ ପ୍ରଦାନ କରି ଭଲିବଲ ଏବଂ କରାଟେରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଥିବା ନେଇ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ନାୟକ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଅଧ୍ୟକ୍ଷ କୁମୁଦ ଚନ୍ଦ୍ର ମହାପାତ୍ର, ପରିଚାଳନା କମିଟି ସଭ୍ୟା କ୍ରିଷ୍ଣାମୟୀ ପରିଡ଼ା, ସଭ୍ୟ ସନ୍ତୋଷ ଜେନା, ରବି ନାରାୟଣ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଜ୍ୟୋତି ପ୍ରକାଶ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସତ୍ୟବାନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ସୂଚନାଯୋଗ୍ୟ, ୨୦୧୦ରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ଅବ୍ୟବହୃତ ଛାତ୍ରାବାସରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଥିଲା। ଚଳିତବର୍ଷ ସେଠାରେ ଯୁକ୍ତ ୨ ବିଜ୍ଞାନ ଖୋଲିବାକୁ କେନ୍ଦ୍ର ସରକାର ଅନୁମତି ଦେଇଛନ୍ତି। ଯୁକ୍ତ ୨ ଖୋଲିବା ପାଇଁ ଆବଶ୍ୟକ ଭିତ୍ତିଭୂମି ସଜାଡିବା କାର୍ଯ୍ୟ ଆରମ୍ଭ ହୋଇଛି। ଏନେଇ ୪୮ ଲକ୍ଷ ଟଙ୍କା ବ୍ୟୟ କରାଯାଇ ସମ୍ପୂର୍ଣ୍ଣ କୋଠାର ପୁନଃରୁଦ୍ଧାର କରାଯିବ। ଅର୍ଥ କିଭଳି ତୁରନ୍ତ ଅନୁମୋଦନ ହୋଇପାରିବ ସେନେଇ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଉକ୍ତ ଅର୍ଥ ଅନୁମୋଦନ ହେବ ବୋଲି ଆଶା କରାଯାଉଛି। ସେହିପରି ସ୍ଥାୟୀ କୋଠା ନିର୍ମାଣ ପାଇଁ କେନ୍ଦ୍ର ସରକାର ୩୩ କୋଟି ୧୦ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ତାହାର କାମ ମଧ୍ୟ ଏପ୍ରିଲ ମାସରେ ଆରମ୍ଭ ହେବା ସମ୍ଭାବନା ରହିଛି। ୨୦୨୮ ନୂଆ ଶିକ୍ଷା ବର୍ଷରୁ ବିଦ୍ୟାଳୟ ସ୍ଥାୟୀ କୋଠାରେ କାର୍ଯ୍ୟ କରିବା ଲକ୍ଷ୍ୟ ରଖାଯାଇଛି।

## 'ନାକୁଇମ୍ ସୁପାରିସ ଓ ଭୂତଳ ଜଳ ପରିଚାଳନା' କର୍ମଶାଳା

# ବିଗତ ବର୍ଷର ସଫଳତା ଦୋହରାଇବାକୁ ଆହ୍ୱାନ

ଛତ୍ରପୁର,୨୭।୨(ସମିସ)

**ବିଗତ ବର୍ଷ ଜଳ ସଂରକ୍ଷଣ ପାଇଁ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲା ଜିଲ୍ଲା**




ଗଂଜାମ ଜିଲ୍ଲାର 'ନାକୁଇମ୍ ସୁପାରିସ ଓ ଭୂତଳ ଜଳ ପରିଚାଳନା' ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଭି. କୀର୍ତ୍ତି ଭାସନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା କେନ୍ଦ୍ରୀୟ ଭୂତଳ ଜଳ ପରିଷଦ, ଦକ୍ଷିଣ ପୂର୍ବ କ୍ଷେତ୍ର, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। 'ନାକୁଇମ୍' ଭୂତଳ ଜଳ ସମ୍ପଦର ସଠିକ ମାପ, ବୈଜ୍ଞାନିକ ପଦ୍ଧତିରେ ପରିଚାଳନା ଓ ସଠିକ୍ ବ୍ୟବହାର ସୁନିଶ୍ଚିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ।

କେନ୍ଦ୍ରୀୟ ଭୂତଳ ଜଳ ପରିଷଦର ବରିଷ୍ଠ ବୈଜ୍ଞାନିକ ସୁମିତା ସରକାର ସ୍ୱାଗତ ଭାଷଣରେ ବିଗତ ବର୍ଷ ଗଂଜାମ ଜଳ ସଂରକ୍ଷଣରେ ଉଲ୍ଲେଖନୀୟ ସଫଳତା ହାସଲ କରି ଜାତୀୟ ସ୍ତରରେ ସମ୍ମାନିତ ହୋଇଥିଲା। ଅଧିକାରୀମାନଙ୍କୁ ଏହି ସଫଳତା ବିଷୟରେ ସ୍ମରଣ କରାଇବା ସହିତ ଜିଲ୍ଲାର ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ତାସହିତ ସେହି ସମାନ ମନୋବୃତି ନେଇ ଚଳିତ ବର୍ଷ ମଧ୍ୟ ଅଧିକାରୀ ଓ ଜିଲ୍ଲାବାସୀ ଜଳ ସଂରକ୍ଷଣ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ଭୂତଳ ଜଳର ସଠିକ ସଂରକ୍ଷଣ ଓ ସମୁଚିତ ବ୍ୟବହାର ବ୍ୟାପକ ଜନସଚେତନତା ଓ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି। କେନ୍ଦ୍ରୀୟ ଭୂତଳ ଜଳ ପରିଷଦର ବରିଷ୍ଠ ବୈଜ୍ଞାନିକ ଡ଼ଃ ବିନୟ କୁମାର ବେହେରା ଓ ଡ଼ଃ ରାଜ କିଶୋର ମହାନ୍ତି ଭୂତଳ ଜଳର ସଂରକ୍ଷଣ ଓ ବ୍ୟବହାର ଉପରେ ନାକୁଇମ୍ ପ୍ରସ୍ତୁତ କରିଥିବା ମାର୍ଗଦର୍ଶିକା ଉପରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଜଳ ସଂରକ୍ଷଣ ପାଇଁ ଚାଷ ପ୍ରଣାଳୀର ବିବିଧିକରଣ, ଡ୍ରିପ୍ ଇରିଗେସନ୍ ଓ ସ୍ପ୍ରିଙ୍କଲର୍ ପ୍ରଣାଳୀରେ ଏହା ମଧ୍ୟରେ ବହୁତ ଉନ୍ନତି ଘଟିଛି ସେହି ଉନ୍ନତ ପ୍ରଣାଳୀ ବ୍ୟବହାର କରି କିପରି ପ୍ରକୃତି ଠାରୁ ଆରମ୍ଭ କରି ମନୁଷ୍ୟ ଯାଏଁ ସମସ୍ତେ ଲାଭାନ୍ୱିତ ହୋଇପାରିବେ ତା ଉପରେ ସେମାନେ ପରାମର୍ଶ ଦେଇଥିଲେ। ଏହାସହ ବର୍ଷାଜଳ ସଂଗ୍ରହ, ଚେକ୍ ଡ୍ୟାମ୍ ନିର୍ମାଣ ଓ ଭୂଗର୍ଭ ଜଳ ପୁନର୍ଭର୍ତ୍ତି ପଦକ୍ଷେପକୁ କ୍ରିୟାଶୀଳ କରିବାକୁ ପରାମର୍ଶ ଦେଇଥିଲେ।

ଏହା ସହିତ ଭୂତଳ ଜଳ ମୁଖ୍ୟତଃ ଜିଲ୍ଲାର ସମୁଦ୍ର ପାଖାପାଖି ଥିବା ବ୍ଲକଗୁଡିକରେ ଦେଖାଯାଉଥିବା ଲବଣ ଯୁକ୍ତ ଜଳ, କିଛି ସ୍ଥାନରେ ଦେଖାଯାଇଥିବା ଫ୍ଲୋରିଡ଼୍ ଓ ଅନ୍ୟାନ୍ୟ ସମସ୍ୟା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ବିଜୟ କୁମାର ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଭାଗୀୟ ଯନ୍ତ୍ରୀମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ।

## ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଜି.ଉଦୟଗିରି,୨୭।୨(ସମିସ): କଳିଙ୍ଗ ମହାବିଦ୍ୟାଳୟରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ଆଜି ଉଦ୍‌ଯାପିତ ହୋଇଛି। ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, ସମ୍ମାନିତ ଅତିଥି ଭାବରେ ଅଧ୍ୟାପିକା ସୁପ୍ରିୟା ମହାନ୍ତି ଏବଂ ଅଧ୍ୟାପକ ଡ.ନଳିନୀ କୁମାର ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଙ୍କ ନିମନ୍ତେ ସାଂପ୍ରତିକ ସମୟରେ ଆୟସୁରକ୍ଷା କୌଶଳ ତାଲିମର ଯଥାର୍ଥତା ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଅନୁପମା ମିଞ୍ଜ୍ ସ୍ୱାଗତ ଅଭିଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏଥିରେ ଆତ୍ମସୁରକ୍ଷା କୌଶଳ ତାଲିମପ୍ରାପ୍ତ ପ୍ରାକ୍ତନ ଛାତ୍ରୀ ସୁରୁଚି ପ୍ରଧାନ ଏବଂ ଦାମିନୀ ପ୍ରଧାନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ଅଟୋ-ସ୍କୁଟି ମୁହାମୁହିଁ; ଜଣେ ମୃତ

ବାଲିଗୁଡ଼ା,୨୭।୨(ସମିସ): ଅଟୋ ଓ ସ୍କୁଟି ମୁହାମୁହିଁ ହେବା ଯୋଗୁ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ବାରଖମାର ନାଡ଼ାପାଟାଙ୍ଗ ଅଞ୍ଚଳରେ। ମୃତକ ହେଲେ ସ୍କୁଟି ଚାଳକ ବିଦ୍ୟାଧର ବେହେରଦଳେଇ। ତାଙ୍କ ଘର ବାରଖମା ଫାଣ୍ଡି ଅଞ୍ଚଳର ନାଡ଼ାପାଟାଙ୍ଗରେ।

ବାଲିଗୁଡ଼ାରୁ କାମ ସାରି ନିଜ ଘରକୁ ଅଟୋ ଯୋଗେ ଫେରୁଥିଲେ କିଛି ଯୁବକ। ଅନ୍ୟପଟୁ ଦ୍ରୁତ ଗତିରେ ଆସୁଥିବା ଏକ ସ୍କୁଟି ସହ ମୁହାମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ଦ୍ୱାରା ୨ ଗୁରୁତରଙ୍କୁ ବାରଖମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଡାକ୍ତର ସ୍କୁଟି ଚାଳକ ବିଦ୍ୟାଧରଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଗୁରୁତରକୁ ପ୍ରାଥମିକ ଚିକିତ୍ସା ପରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଘଟଣା ସ୍ଥଳରେ ବାରଖମା ପୁଲିସ ପହଞ୍ଚି ତଦନ୍ତ କରି ଅଟୋ ଓ ସ୍କୁଟି ଜବତ କରିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ବାରଖମା ଫାଣ୍ଡି ଅଧିକାରୀ ଅମରେନ୍ଦ୍ର ସୁବୁଦ୍ଧି କହିଛନ୍ତି।

### ଏସ୍‌କେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟ

## ଯୁବ ଉର୍ଜା ନିଯୁକ୍ତି ସଂଯୁକ୍ତ ପ୍ରଶିକ୍ଷଣ କର୍ମଶାଳା




ପାରଳାଖେମୁଣ୍ଡି,୨୭।୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ୟାରିଅର କାଉନ୍ସେଲିଂ ସେଲଙ୍କ ସମନ୍ୱୟରେ ଏବଂ ଜଗତଗୁରୁ କୃପାଳୁ ଯୋଗ ଟ୍ରଷ୍ଟଙ୍କ ସହଯୋଗରେ ମହାବିଦ୍ୟାଳୟରେ ୟୁଜି ଓ ପିଜି ଅନ୍ତିମ ବର୍ଷର ଛାତ୍ରଛାତ୍ରୀମାନଙ୍କ ପାଇଁ ଯୁବ ଉର୍ଜା ନିଯୁକ୍ତି ସଂଯୁକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବିଷୟରେ ଏକ ସଚେତନତା ଓ ପ୍ରଶିକ୍ଷଣମୂଳକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ଛାତ୍ରଛାତ୍ରୀଙ୍କୁ ଆଜିର ପ୍ରତିଯୋଗିତାମୂଳକ ଯୁଗରେ କୌଶଳ ବିକାଶର ଆବଶ୍ୟକତା, ନିଯୁକ୍ତିମୂଖୀ ପ୍ରଶିକ୍ଷଣର ଗୁରୁତ୍ୱ ଏବଂ ନିଜ ଯୋଗ୍ୟତା ଅନୁଯାୟୀ ଠିକ୍ କ୍ୟାରିଅର ଚୟନ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ବକ୍ତାମାନେ ଯୁବ ଉର୍ଜା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ପ୍ରଶିକ୍ଷଣ ପ୍ରକ୍ରିୟା, ଯୋଗ୍ୟତା ମାନଦଣ୍ଡ ଓ ନିଯୁକ୍ତି ସୁଯୋଗ ସମ୍ବନ୍ଧୀୟ ତଥ୍ୟ ସବିଶେଷ ଭାବେ ଉପସ୍ଥାପନ କରିଥିଲେ। ପ୍ରଶିକ୍ଷଣ ଆରମ୍ଭରେ ଡ଼ ଶୁଭେନ୍ଦୁ ପ୍ରଧାନ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରାଧାକାନ୍ତ ଭୂୟାଁ ଅଭିଭାଷଣରେ ପାଠ୍ୟକ୍ରମ ସହିତ କୌଶଳମୂଳକ ପ୍ରଶିକ୍ଷଣ ଛାତ୍ରଛାତ୍ରୀଙ୍କୁ ନିଜକୁ ସ୍ୱାବଲମ୍ବୀ କରିବାରେ ଏବଂ ନିଯୁକ୍ତି ସୁଯୋଗ ବୃଦ୍ଧିରେ ବିଶେଷ ସାହାଯ୍ୟ କରେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କ୍ୟାରିୟର କାଉନସିଲ ସେଲର ସଂଯୋଜକ ଡ଼.ପ୍ରିୟବ୍ରତ ଶତପଥୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପ୍ରଶିକ୍ଷଣ, ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ଉପରେ ଆଲୋକପାତ କରିଥିଲେ। ଜଗତଗୁରୁ କୃପାଳୁ ଯୋଗ ଟ୍ରଷ୍ଟର ପ୍ରୋଗ୍ରାମ ମ୍ୟାନେଜର ଅଶୋକ ସାମଲ ଓ ଶ୍ରୀମନ୍ତ ରାଉତରାୟ ଏହି କାର୍ଯ୍ୟକ୍ରମରେ ସ୍ନାତକ ସରିବାପରେ ଛାତ୍ରଛାତ୍ରୀ ନିଜକୁ କିପରି ଏହି ଯୋଜନାରେ ସାମିଲ କରି ନିଯୁକ୍ତି ସୁଯୋଗ ପାଇବେ ଓ ରୋଜଗାର ବିଷୟର ଟ୍ରଷ୍ଟ ପକ୍ଷରୁ ହାତକୁ ନିଆଯାଇଥିବା ସୂଚନା ଦିଆଯାଇଛି।

## ଅଙ୍ଗନବାଡ଼ି କେନ୍ଦ୍ର ଉପରେ ପଡ଼ିଲା ଗଛ; ୨ ଶିଶୁ ଆହତ



ଜି.ଉଦୟଗିରି,୨୭।୨(ସମିସ): ଜି.ଉଦୟଗିରି ବ୍ଲକ କତିଙ୍ଗିଆ ନିକଟ ରିଶିଗୁଡ଼ାରେ ଥିବା ଅଙ୍ଗନବାଡ଼ି ଘର ଉପରେ ଏକ ବିରାଟ ଗଛ ପଡ଼ି ଯାଇଥିଲା। ସେଠାରେ ଥିବା ୯ ଜଣ ଶିଶୁଙ୍କ ମଧ୍ୟରୁ ଦୁଇ ଜଣ ଶିଶୁ ସାମାନ୍ୟ ଆହତ ହୋଇଥିଲେ। ଘଟଣା ସ୍ଥଳରେ ବ୍ଲକ ଉନ୍ନୟନ ଅଧିକାରୀ ସତ୍ୟ ନାରାୟଣ ମିଶ୍ର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆସନ୍ତାକାଲି ଠାରୁ ନିକଟ ଏକ ସ୍କୁଲ ଘରେ ପାଠ ପଢ଼ାଯିବ ବୋଲି ସୂଚନା ଦେଇଛନ୍ତି। ଅଙ୍ଗନବାଡି ନିକଟରେ ବିରାଟକାୟ ଗଛ ଅନ୍ୟ ଏକ ଛୋଟ ଗଛ ଉପରେ ପଡ଼ିବା ଫଳରେ, ଦୁଇଟି ଯାକ ଗଛ ଭାଙ୍ଗି ଅଙ୍ଗନବାଡ଼ି କେନ୍ଦ୍ର ଉପରେ ପଡ଼ିଯାଇଥିଲା। ଖବର ପାଇ ଅଧିକାରୀ ମହେଶ୍ୱର ପ୍ରଧାନ ଓ ତାଙ୍କ ଟିମ୍ ପହଞ୍ଚି ପ୍ରାୟ ପାଞ୍ଚ ଘଣ୍ଟା ପରିଶ୍ରମ କରି ଦୁଇଟି ଗଛକୁ କେନ୍ଦ୍ରରୁ ହଟାଇଥିଲେ।

## ପାହାଡ଼ରେ ପିଟି ହେଲା ବସ୍: ୨୨ ଆହତ



ମୋହନା,୨୭।୨(ସମିସ): ଆର.ଉଦୟଗିରି ଥାନା ଘୋଡ଼ାଶାଳ ଘାଟିରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ପାହାଡରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶିବା ନାମକ ଯାତ୍ରୀବାହୀ ବସ୍ ପାରଳାଖେମୁଣ୍ଡିରୁ ବାଦୁଆ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ବସ୍‌ରେ ୨୭ରୁ ଅଧିକ ଯାତ୍ରୀ ଥିବାବେଳେ ଦୁର୍ଘଟଣାରେ ୨୨ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଆର୍.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଗୁରୁତର ଜଣେ ଶିଶୁକୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆର୍.ଉଦୟଗିରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ଦୋଳ ଉତ୍ସବ ଆରମ୍ଭ



ପାରଳାଖେମୁଣ୍ଡି,୨୭।୨(ସମିସ): ଦୋଳବନ୍ଧ ଉନ୍ନୟନ କମିଟି ଆନୁକୁଲ୍ୟରେ ଦୋଳ ଉତ୍ସବ ଛଅଦିନବ୍ୟାପି ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ପାରଳାଖେମୁଣ୍ଡି ସ୍ଥିତ ଦୋଳମଣ୍ଡପଠାରେ ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ହୋଲି ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ଆଜି ପ୍ରଥମ ଦିବସରେ ଦୋଳବିମାନରେ ପ୍ରଭୁଙ୍କୁ ନାଗର ପରିକ୍ରମା କରାଯାଇ ଦୋଳିମଣ୍ଡପରେ ବିରାଜମାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ଏହି ଅବସରରେ କୀର୍ତ୍ତନ, ଭଜନ ଆଦି କରାଯାଇଥିଲା। ଏ ଅବସରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଅଜଣା ପିକ୍‌ଅପ୍ ଧକ୍କାରେ ବାପା ମୃତ, ପୁଅ ଗୁରୁତର

ପାରଳାଖେମୁଣ୍ଡି,୨୭।୨(ସମିସ): ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଟ ନିକଟରେ ଏକ ପିକ୍‌ଅପ ଭ୍ୟାନ ବାଇକକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି କାଶୀନଗର ବିଜ୍ଞାପିତ ପରିଷଦ ଅଞ୍ଚଳର ବାରିକ ଖାରଡ଼ା (୫୬)। ବାରିକ ତାଙ୍କ ପୁଅ ଶଙ୍କରଙ୍କ ସହ କାଶୀନଗରରୁ କୌଣସି କାର୍ଯ୍ୟରେ ଜିରାଙ୍ଗ ଯାଉଥିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ଅଜଣା ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଉଭୟ ଛିଟିକି ରାସ୍ତା ଉପରେ ପଡ଼ିଯାଇଥିଲେ। ପୁଅ ଶଙ୍କର ସାମାନ୍ୟ ଆହତ ହୋଇଥିବା ବେଳେ ବାପା ବାରିକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଯଥାଶୀଘ୍ର ଦୁର୍ଘଟଣା ଘଟାଇଥିବା ଗାଡିକୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୁଲିସ କହିଛି।

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ବୈଠକ



ଗଞ୍ଜାମ,୨୭।୨(ସମିସ): ସମୃଦ୍ଧ ଜୀବନ ମଲ୍ଟି ଷ୍ଟେଟ ମଲ୍ଟି ପ୍ରପୋଜ ସୋସାଇଟିରେ ନିଜ କଷ୍ଟ ଅର୍ଜିତ ଅର୍ଥ ବାନ୍ଧି ଠକାମୀର ଶିକାର ହୋଇଥିବା ଅଭିକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ବୁଢ଼ୀହରା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଙ୍ଗୁଲୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଅଭିକର୍ତ୍ତାମାନେ ଏକତ୍ରିତ ହୋଇ ଉକ୍ତ ଟଙ୍କା ଫେରି ପାଇବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଗଞ୍ଜାମ ଜିଲ୍ଲାରୁ ଉକ୍ତ ସଂସ୍ଥାରେ କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ବେଳେ ଉକ୍ତ ଅର୍ଥ ଫେରିପାଇବା ପାଇଁ ଆଗାମୀ ଦିନରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେବାପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଏହାସହିତ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅତି ଶୀଘ୍ର କିପରି ହଡ଼ପ ଅର୍ଥ ଫେରି ପାଇବେ ସେନେଇ ଆଲୋଚନା ହୋଇଥିଲା। ବୈଠକରେ ବସନ୍ତ କୁମାର ସାହୁ, ବି ଟୁଟୁ ରେଡି, ବିପ୍ରଚରଣ ଲେଙ୍କା, ତ୍ରିନାଥ ମଲ୍ଲିକ, କାଳୁ ମଲ୍ଲିକ, ନୀଳ ମାଧବ ମଲ୍ଲିକ, ସସ୍ମିତା ରେଡି, ଲିନା ପାତ୍ର, ସୁଜନ୍ତି ପାତ୍ର, ଇ. ସରସ୍ୱତୀ, ନାରାୟଣ ବାଡ଼ତ୍ୟା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ।

## ନାକିଟିଭବାନୀ ଠାକୁରାଣୀ ଯାତ୍ରା ଲାଗି ଶୁଭଖୁଣ୍ଟି ସ୍ଥାପନ



ପାରଳାଖେମୁଣ୍ଡି,୨୭।୨(ସମିସ): ପାରଳାଖେମୁଣ୍ଡି ଉପକଣ୍ଠରେ ଥିବାରେ ଯାଜପୁର ଗ୍ରାମ ଦେବତୀ ମା' ନାକିଟିଭବାନୀ ଠାକୁରାଣୀ ଯାତ୍ରା ପାଇଁ ଆଜି ପଡ଼ିଲା ଶୁଭ। ଏହି ଅବସରରେ ଆଜି ଗାଁର ବଡ଼ ସାହିରୁ ଗ୍ରାମବାସୀ ତାଳ ମୃଦଙ୍ଗ ବାଜା ବାଜଣା ସହ ସାହି ପରିକ୍ରମା କରିବା ସହ ବାଇଧର, ତ୍ରିନାଥ ମଣ୍ଡପ, ହନୁମାନ ମନ୍ଦିର ସହ ତୁଳସୀ ଚଉଁରାରେ ପୂଜା ଅର୍ଚ୍ଚନା କରି ମା'ଙ୍କ ମନ୍ଦିରରେ ପହଞ୍ଚି ଶୀତଳ ମଣି ବା ହଳଦୀ ପାଣିରେ ସ୍ନାନ କରି ତୁଳସୀ ଚଉଁରାରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା। ଯାଜପୁର ଗ୍ରାମର ଉତ୍ତରପୂର୍ବ କୋଣର ଏକ ବିଲପ୍ରାନ୍ତି ମଧ୍ୟରେ ମା'ଙ୍କ ଆସ୍ଥାନ। ସାଧାରଣ ଲୋକଙ୍କ ଭଳି ମା ଗ୍ରାମବାସୀଙ୍କ ସହିତ ଚଳପ୍ରଚଳ କରୁଥିବା ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ମା' ନାକିଟିଭବାନୀଙ୍କ ପ୍ରତି ପାଞ୍ଚ ବର୍ଷରେ ଥରେ ଠାକୁରାଣୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଗ୍ରାମର ଅସ୍ଥାୟୀ ମଣ୍ଡପରେ ମା' ବିଜେ କରି ପ୍ରତି ସନ୍ଧ୍ୟାରେ ଓ ସକାଳେ ଗ୍ରାମ ପରିକ୍ରମା କରିବା ପ୍ରଥା ରହିଛି। ଏହି ସମୟରେ ଗ୍ରାମ ଉତ୍ସବ ମୁଖର ହୋଇଥାଏ। ହଜାର ହଜାର ସଂଖ୍ୟାରେ ଗ୍ରାମବାସୀଙ୍କ ସହିତ ବନ୍ଧୁବାନ୍ଧବ ସହିତ କୁଣିଆ ଆସି ନିଜନିଜ ମାନସିକ ଇଚ୍ଛା ପୂରଣ କରିଥାନ୍ତି। ମା'ଙ୍କ ଠାକୁରାଣୀ ଯାତ୍ରା ଚଳିତ ବର୍ଷ ଆସନ୍ତା ୨୩ରୁ ଏପ୍ରିଲ ୧ ପର୍ଯ୍ୟନ୍ତ ୯ ଦିନ ଧରି ଅନୁଷ୍ଠିତ ହେବ। ଏଥିସହ ନଅ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏହି ସମୟରେ ହଜାର ହଜାର ଭକ୍ତଙ୍କ ସମାଗମ ହେବା ସମ୍ଭାବନା ରହିଛି।

## ଆହତ ହରିଣ ଉଦ୍ଧାର

ମୋହନା,୨୭।(ସମିସ): ଆହତ ହରିଣକୁ ଉଦ୍ଧାର କଲା ବନବିଭାଗ। ପାରଳାଖେମୁଣ୍ଡି ବନଖଣ୍ଡ ଅନ୍ତର୍ଗତ ଚନ୍ଦ୍ରଗିରି ବନାଞ୍ଚଳ ଚନ୍ଦ୍ରଗିରି ଗ୍ରାମର ଲଖାରୀ ସଂରକ୍ଷିତ ଜଙ୍ଗଲ ନିକଟରେ ଆଜି ଏକ ହରିଣ ଏକ ଶୁଖିଲା କୂଅରେ ପଡ଼ିଯାଇଥିଲା। ଗ୍ରାମର କିଛି ଯୁବକ ଦେଖି ବନବିଭାଗକୁ ଖବର ଦେଇଥିଲେ। ଖବର ପାଇ ଚନ୍ଦ୍ରଗିରି ବନାଞ୍ଚଳର ବନପାଳ ଗଣେଶ ପ୍ରଧାନ ଓ ତାଙ୍କ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଆହତ ହରିଣକୁ ଉଦ୍ଧାର କରି ସ୍ଥାନୀୟ ଚନ୍ଦ୍ରଗିରି ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ହରିଣକୁ ତପ୍ତପାଣି ମୃଗ ବିହାରକୁ ପଠାଯିବ ବୋଲି ବନପାଳ କହିଛନ୍ତି।



## ଗଡ଼ଦାମୋଦରପଲ୍ଲୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଧରାକୋଟ,୨୭।୨(ସମିସ): ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ଗଡ଼ଦାମୋଦରପଲ୍ଲୀ ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଛାୟା ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ସମ୍ମାନୀତ ଅତିଥି ଭାବରେ ବିଇଓ ରମେଶ ଚନ୍ଦ୍ର ସାହୁ, ଏବିଇଓ ବିଭୂତି ଭୂଷଣ ପାତ୍ର, ସରପଞ୍ଚ ପୁନିଆ ଦାସ, ସିଆରସିସି ପ୍ରମୋଦ କୁମାର ସେଠୀ, ଏସଏମସି ସଭାପତି ଦିଲିପ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଛାୟା ଦେବୀ ବିବରଣୀ ପାଠ କରିଥିବା ବେଳେ ଛାତ୍ରୀ ଅଙ୍କିତା ଜେନା ଓ ଶୁଭସ୍ମିତା ଗୌଡ଼ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ସୁରେଶ କୁମାର ପାତ୍ର ଏଥିରେ ସଂଯୋଜନା କରିଥିବା ବେଳେ ସିଆରସିସି ଜଗନ୍ନାଥ ପଢ଼ିଆରି, ଶିକ୍ଷକ ପ୍ରଫୁଲ୍ଲ କୁମାର ବେହେରା, ନିରଞ୍ଜନ ପଟ୍ଟନାୟକ, ଶିକ୍ଷୟିତ୍ରୀ ଦୀପ୍ତି ନାୟକ, ନମିତା ଦାସ, ପ୍ରଭାତୀ କାମ୍ପ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



### ଏମ୍‌ସିଏସ୍ ମହାବିଦ୍ୟାଳୟରେ ରାଜ୍ୟସ୍ତରୀୟ ଓଡ଼ିଆ ଭାଷା ସମ୍ମାନ

# କନ୍ଧମାଳର ଲୋକ ସଂସ୍କୃତି ବିଶ୍ୱ ଦରବାରରେ ସ୍ୱତନ୍ତ୍ର: କୁଳପତି

ଜିଉଦୟଗିରି/ଟିକାବାଲି,୨୭।୨(ସମିସ)




ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନ ତରଫରୁ ରାଜ୍ୟସ୍ତରୀୟ ଏକଦିବସୀୟ ଓଡ଼ିଆ ଭାଷା ସାହିତ୍ୟ ସମ୍ମାନ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରର ଶୀର୍ଷକ ଥିଲା "କନ୍ଧମାଳର ଲୋକ ସଂସ୍କୃତି, ପରମ୍ପରା ଓ ଆମ ମାତୃଭାଷା"। ଉଦଘାଟକ ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ଲୋକ ସଂସ୍କୃତି ହିଁ କନ୍ଧମାଳକୁ ବିଶ୍ୱ ଦରବାରରେ ପରିଚୟ ଦେଇଛି ବୋଲି ବକ୍ତବ୍ୟ ରଖିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଷ୍ଠାନର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ପ୍ରାକ୍ତନ ପ୍ରାଧ୍ୟାପକ ଡ. ରମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୀପକ କୁମାର ମହାନ୍ତି, ଶ୍ରୀଭରତପତି ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ। ଭିତ୍ତି ପ୍ରବନ୍ଧ ଉପସ୍ଥାପକ ଭାବେ ଦୀନକୃଷ୍ଣ ମହାପାତ୍ର ବିଷୟ ବସ୍ତୁର ଉପସ୍ଥାପନ କରିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଛାତ୍ର କାହ୍ନୁ ଚରଣ ପାତ୍ର ଏବଂ ଏଏମ୍‌ସିଏସ୍ ମହାବିଦ୍ୟାଳୟର ସ୍ନାତକ ଶ୍ରେଣୀ ଛାତ୍ରୀ ସୁଲେଖା ଭୋଇ ପ୍ରବନ୍ଧ ପାଠ କରିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ତରଫରୁ ପରିଶୁଦ୍ଧ ଓଡ଼ିଆ ଭାଷା ଲିଖନ, ପ୍ରବନ୍ଧ ଓ ତର୍କ ତିନୋଟି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାର୍ଥୀଙ୍କୁ ୧୫୦୦, ଦ୍ୱିତୀୟ ସ୍ଥାନ ପାଇଁ ୧୨୦୦ ଏବଂ ତୃତୀୟ ସ୍ଥାନ ଅଧିକାରୀଙ୍କୁ ୧ହଜାର ଟଙ୍କା ପୁରସ୍କାର ରାଶି ରୂପେ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବନମାଳୀ ବେହେରା ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିବା ବେଳେ ଅଧ୍ୟାପିକା ନିବେଦିତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ରିଲୁ ପ୍ରଧାନ, ଭଞ୍ଜକିଶୋର ସାହୁ, ଅଜୟ ଗଣ୍ଡ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଅଧ୍ୟାପକ ବିରୂପାକ୍ଷ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାଦାବଟି ନ ଦେବାରୁ ଠିକାଦାରଙ୍କୁ ଆକ୍ରମଣ; ଅଭିଯୁକ୍ତ ଗିରଫ



ବ୍ରହ୍ମପୁର,୨୭।୨(ସମିସ): ଦାଦାବଟି ନ ଦେବାରୁ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବୈକୁଣ୍ଠନଗର ଅଞ୍ଚଳରେ ଶୁଭେନ୍ଦୁ ଶେଖର ସାହୁ ଓରଫ ସିଲୁ ନାମକ ଜଣେ ଠିକାଦାରଙ୍କୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୈକୁଣ୍ଠନଗର ୪ର୍ଥ ଲାଇନର ଜଗଦାନନ୍ଦ ଦାସ।

ସୂଚନାପ୍ରକାରେ, ଶୁକ୍ରବାର ବୈକୁଣ୍ଠନଗର ୫ମ ଲାଇନ ଠାରେ ଜଣେ ଠିକାଦାର ଶୁଭେନ୍ଦୁ ଶେଖର ସାହୁ ଏକ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବାବେଳେ ଅଭିଯୁକ୍ତ ଜଗଦାନନ୍ଦ ମଦ୍ୟପାନ କରି ସେଠାକୁ ଆସି ଗାଳିଗୁଲଜ କରିଥିଲେ। ୫୦ ହଜାର ଟଙ୍କା ଦାଦାବଟି ଦେଇନଥିବାରୁ ବିଭିନ୍ନ ପ୍ରକାର ଧମକ ଦେବା ସହ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଶୁଭେନ୍ଦୁଙ୍କୁ ଉଦ୍ଧାର କରିଥିଲେ। ଏହାର କିଛି ସମୟ ପରେ ଅଭିଯୁକ୍ତ ଜଣଙ୍କ ନିଜ ସହ ଅନ୍ୟ କିଛି ଯୁବକଙ୍କୁ ଧରି ରାସ୍ତାରେ ଶୁଭେନ୍ଦୁଙ୍କୁ ଅଟକାଇବା ସହ ତାଙ୍କୁ ପୁଣି ଆକ୍ରମଣ କରିଥିଲେ। ଆକ୍ରମଣରେ ଶୁଭେନ୍ଦୁ ଆହତ ହେବା ସହ ଥାନାକୁ ଯାଇ ଅଭିଯୋଗ କରିବା ପରେ ମେଡିକାଲକୁ ଯାଇ ଚିକିତ୍ସିତ ହୋଇଥିଲେ। ସେପଟେ ଶୁଭେନ୍ଦୁଙ୍କ ସହ ଅନ୍ୟ ଠିକାଦାରମାନେ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତ ଜଗଦାନନ୍ଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଘଟଣା ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ବିଧାୟକଙ୍କୁ ଭେଟିଲେ ଆୟୁଷ ଡାକ୍ତର ସଂଘ



ବେଲଗୁଣ୍ଠା,୨୭ ।୨(ସମିସ): ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ଘୋଷଣା ପରେ ଶୁକ୍ରବାର ଗଞ୍ଜାମ ଜିଲ୍ଲା ସୋରଡ଼ା ନିର୍ବାଚନମଣ୍ଡଳୀର ସମସ୍ତ ଆୟୁଷ ଡାକ୍ତର ସୋରଡ଼ା ବିଧାୟକ ନୀଳମଣି ବିଷୋୟୀଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି।

ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଆୟୁଷ ସେବାକୁ ଆହୁରି ସଶକ୍ତ କରିବା ସହ ଆୟୁଷ ଡାକ୍ତର ମାନଙ୍କ ମନୋବଳ ବୃଦ୍ଧି କରିବ ବୋଲି ସଙ୍ଘ ଆଶାବ୍ୟକ୍ତ କରିଛି। ଗଞ୍ଜାମ ଜିଲ୍ଲା ଆୟୁଷ ଡାକ୍ତର ସଂଘର ସାଙ୍ଗଠନିକ ସମ୍ପାଦକ ଡାକ୍ତର ସରୋଜ ପ୍ରଧାନଙ୍କ ନେତୃତ୍ୱରେ ଡ଼ାକ୍ତର ବସନ୍ତ ସ୍ୱାଇଁ, ଡାକ୍ତର ପାଣ୍ଡବ ସ୍ୱାଇଁ, ଡାକ୍ତର ଏ ମନୋଜ ପାତ୍ର ଓ ଡ଼ାକ୍ତର ନାରାୟଣ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଆୟୁଷ ଡାକ୍ତରମାନେ ସ୍ୱଳ୍ପ ପାରିଶ୍ରମିକରେ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଆସୁଥିଲେ।

ସେମାନେ ନିଜର ଦରମା ବୃଦ୍ଧି ସହ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ପୂର୍ବରୁ ଦାବି କରି ଆସୁଥିଲେ। ଶେଷରେ ରାଜ୍ୟ ସରକାର ସେମାନଙ୍କ ଦାବି ପୂରଣ କରିବାକୁ ନିଷ୍ପତ୍ତି ନେଇଥିବାରୁ ସଂଘ ଖୁସି ଜାହିର କରିଛି।

### ଟିକିଟି ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

## ସାମଗ୍ରିକ ଉନ୍ନତି ପାଇଁ ଡିପିଆର୍ ପ୍ରସ୍ତୁତ ରଖ: ବିଧାୟକ

ଟିକିଟି,୨୭।୨(ସମିସ)

ଟିକିଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ (ଏସିଡିସି) ବୈଠକ ଆଜି ଟିକିଟି ବିଧାୟକ ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ଉନ୍ନୟନ କାର୍ଯ୍ୟର ସମୀକ୍ଷା ସହ ଆଗାମୀ କାର୍ଯ୍ୟର ରୂପରେଖ ପ୍ରସ୍ତୁତି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା।




ବ÷ଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼ଃ ପ୍ରମୋଦ କୁମାର ପୃଷ୍ଟି ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ୧୯ ନଭେମ୍ବର ୨୦୨୪ରେ ଅନୁଷ୍ଠିତ ପୂର୍ବ ଏସିଡିସି ବୈଠକରେ ଗୃହୀତ ପ୍ରସ୍ତାବ ଗୁଡ଼ିକ ଉପରେ ଗ୍ରହଣ କରାଯାଇଥିବା କାର୍ଯ୍ୟ ବିବରଣୀ ଓ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ବିଧାୟକ ଶ୍ରୀ ଦ୍ୟାନସାମନ୍ତରାଙ୍କ ସମ୍ମୁଖରେ ଉପସ୍ଥାପିତ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ପୂର୍ବ ବୈଠକର ନିର୍ଦ୍ଧାରିତ କାର୍ଯ୍ୟ ସମୀକ୍ଷା ପରେ ବିଭାଗଭିତ୍ତିକ ଉନ୍ନୟନ ଓ ବିକାଶମୂଳକ କାର୍ଯ୍ୟର ପ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

ବିଧାୟକ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଟିକିଟି ବିଧାନସଭା ମଣ୍ଡଳୀର ସାମଗ୍ରିକ ଉନ୍ନତି ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ରଖି ଯୋଜନାଗୁଡିକୁ ସୂଚାରୁରୂପେ କାର୍ଯ୍ୟକାରୀ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଯାହାଦ୍ୱାରା ଟିକିଟି "ବିକଶିତ ଓଡ଼ିଶା' ଓ "ବିକଶିତ ଭାରତ' ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହା ସହିତ ମୁଖ୍ୟ ଉନ୍ନୟନ କାର୍ଯ୍ୟଗୁଡ଼ିକର କାର୍ଯ୍ୟାନ୍ୱୟନ ପୂର୍ବରୁ ତାଙ୍କର ପରାମର୍ଶ ନେବାପାଇଁ ସେ ଅଧିକାରୀମାନଙ୍କୁ କହିଥିଲେ।

ବୈଠକରେ ଅତିରିକ୍ତ ଜିଲ୍ଲାପାଳ ତଥା ପିଡି, ଡ୍ରଡା ସୁନୀଲ କୁମାର କେର୍କେଟା, ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ବିଜୟ କୁମାର ବେହେରା, ଡିଏଫଓ ବ୍ରହ୍ମପୁର, ଯୁଗ୍ମ ନିର୍ଦ୍ଦେଶକ ଅଶୋକ କୁମାର ଦାସ, ସହକାରୀ ନିର୍ଦ୍ଦେଶକ ଜଗନ୍ନାଥ ବିଶ୍ୱାଳ, ଜିଲ୍ଲା ଯୋଜନା ଓ ସଂଯୋଜନା ୟୁନିଟର ବରିଷ୍ଠ ଅର୍ଥନୈତିକ ଅନୁସନ୍ଧାନକାରୀ ପାୟଲ ଜ୍ୟୋତିଲଗ୍ନା, ଇନ୍ଦ୍ରଜିତ ମଲ୍ଲିକ, ଜିଲ୍ଲା ଓ ସ୍ଥାନୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### ● ରାତ୍ର ଜଗୁଆଳିଙ୍କୁ ମାଡ଼ ମାରିବା ମାମଲା

## ଦୁଇ ଅଭିଯୁକ୍ତଙ୍କୁ ଦୁଇ ବର୍ଷ ଜେଲ୍

### ୧୦ ହଜାର ଟଙ୍କା ଜରିମାନା

ରାୟଗଡ଼ା,୨୭।୨(ସମିସ): ରାୟଗଡ଼ା ଜିଲ୍ଲା ଅଦାଲତ ପରିସରରେ ରାତ୍ର ସମୟରେ କାର୍ଯ୍ୟରତ ଜଣେ ରାତ୍ର ଜଗୁଆଳୀଙ୍କୁ ଦୁଇ ଜଣ ଯୁବକ କୋର୍ଟ ପାଚେରୀ ଡେଇଁ ଦୁର୍ବ୍ୟବହାର ସହ ମାଡ ମାରିବା ଅଭିଯୋଗ ହୋଇଥିଲା। ଆଜି ସିଭିଲ ଜର୍ଜ (ସିନିୟର ଡିଭିଜନ) ଏଏସଜେ ଅଦାଲତର ସିଭିଲ ଜଜ୍ ଆଶିଷ ରଞ୍ଜନ ପଟ୍ଟନାୟକ ଏହି ମାମଲାର ଶୁଣାଣି କରି ଏଥିରେ ଜଡିତ ଥିବା ଦୁଇ ଅଭିଯୁକ୍ତଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ବାବଦରେ ଆଦାୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଜରିମାନା ଅନାଦେୟ ହୁଏ, ତେବେ ୧ ବର୍ଷ ଅଧିକ ଦଣ୍ଡାଦେଶ ପାଇଁ ଆଦେଶ ଦେଇଛନ୍ତି। ସରକାରୀ ଓକିଲ ଭବାନୀ ଶଙ୍କର ମିଶ୍ରଙ୍କ ସୂଚନା ମୁତାବକ ରାୟଗଡା ସହର ସ୍ଥିତ ଯରୁଗୁଲା ସାହିର ଦୁଇଜଣ ଯୁବକ ଏସ.ପ୍ରେମ କୁମାର ଓ କେ.ରୋହିତ ଗତ ୨୦୨୩ ମସିହା ନଭେମ୍ବର ମାସର ୪ତାରିଖ ରାତି ସମୟରେ ରାୟଗଡା ଅଦାଲତ ପାଚେରୀ ଡେଇଁ କାର୍ଯ୍ୟରତ ରାତ୍ର ଜଗୁଆଳୀ ହରେଶ କୁମାରଙ୍କୁ ଧମକ ଦେବା ସହ ଦୁର୍ବ୍ୟବହାର କରିଥିଲେ ଏବଂ ମାଡ଼ ମାରିଥିଲେ। ଘଟଣାକୁ ନେଇ ରାୟଗଡା ଥାନାରେ କେଶ ନଂ ୩୩୭/୨୦୨୩ ପ୍ରକାରେ ଏକ ମାମଲା ରୁଜୁ ହୋଇଥିଲା। ସିଭିଲ ଜର୍ଜ (ସିନିୟର ଡିଭିଜନ) ଏଏସଜେ କୋର୍ଟରେ କେଶ ନଂ ୩୨/୨୦୨୪ ପ୍ରକାରେ ଆଜି କେଶର ବିଚାର ହୋଇଥିଲା। କେଶର ବିଚାର କରି ସିଭିଲ ଜର୍ଜ ଶ୍ରୀ ପଟ୍ଟନାୟକ ଧାରା ୪୫୩,୩୩୨, ୩୪ ପ୍ରକାରେ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ଶୁଣାଇଥିଲେ। ସରକାରୀ ଓକିଲ ଭାବେ ଆଇନଜୀବୀ ଭବାନୀ ମିଶ୍ର ମାମଲା ପରିଚାଳନା କରୁଥିବା ବେଳେ ଅଭିଯୁକ୍ତଙ୍କ ପକ୍ଷରୁ ଆଡ୍‌ଭୋକେଟ ଉମାକାନ୍ତ ମିଶ୍ର ମାମଲା ପରିଚାଳନା କରୁଥିଲେ।

## ବିଜେପିର ପଞ୍ଚାୟତସ୍ତରୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ

ଧରାକୋଟ,୨୭ ।୨(ସମିସ): ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତର ବେଠୁଆର ଗ୍ରାମ ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା'ଘୋଡାଦେଇଙ୍କ ପୀଠରେ ଯାହାଡା, ରୁଗୁମୁ, ବରଡାବିଲି ଓ ମାଣିକପୁର ପଞ୍ଚାୟତର ବିଜେପି କର୍ମୀ ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବାଶିଷ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ସୁନିଲ ମହାନ୍ତି, ଯାହାଡା ମଣ୍ଡଳ ସଭାପତି ଜୀତେନ୍ଦ୍ର ବିଷୋୟୀ, ମାଣିକପୁର ମଣ୍ଡଳ ସଭାପତି ଟୁକୁନା ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚା ଘୁମୁସର କାର୍ଯ୍ୟକାରୀ ସଭାପତି ମାନସ ନାୟକ, ପୂର୍ବତନ ମଣ୍ଡଳ ସଭାପତି ୟୁ ପାପା ରାଓ, ମାଣିକପୁର ମଣ୍ଡଳ ସମ୍ପାଦକ ଶଙ୍କର ପ୍ରସାଦ ପାଣିଗ୍ରାହି, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ମିଥୁନ ପ୍ରଧାନ, ନାଏବ ସରପଞ୍ଚ ମିଟୁ ଗୌଡ଼, ଯୁବନେତା ନିରଞ୍ଜନ ନାୟକ, ଦେବବ୍ରତ ବିଶୋଇ, ସତ୍ୟ ନାରାୟନ ସାବତ, ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତୃଣମୂଳ ସ୍ତରରେ ବିଜେପିକୁ ସୁଦୃଢ଼ କରି ସଙ୍ଗଠନ ବଢ଼ାଇବା, ପଞ୍ଚାୟତ ନର୍ବାଚନ ଆଗକୁ ଆଶୁଥିବାରୁ ଏଥିପାଇଁ ସମସ୍ତେ ସତର୍କ ରହିବା, ସରକାରଙ୍କ ନୂତନ ଯୋଜନା ଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସମସ୍ତେ ମିଳିମିଶି ଶପଥ ନେଇଥିଲେ। ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।

### ● କୋଦଳାକୁ ରାଜସ୍ୱ ଉପଖଣ୍ଡ ମାନ୍ୟତା ଦାବି

## ସ୍ୱାଭିମାନ ସୁରକ୍ଷା ମଞ୍ଚ ସ୍ମାରକପତ୍ର ପ୍ରଦାନ



କୋଦଳା, ୨୭ ।୨(ସମିସ): ଗଞ୍ଜାମ ଜିଲ୍ଲାର କୋଦଳା ତହସିଲ ସର୍ବ ପୁରାତନ। ୧୦୦ ବର୍ଷ ତଳର ଏହି ପୁରୁଣା ତହସିଲକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ଦାବି କରୁଛନ୍ତି ଅଞ୍ଚଳବାସୀ। ଏହାକୁ ନେଇ ଗଠିତ ହୋଇଛି କୋଦଳା ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚ। ମଞ୍ଚ ପକ୍ଷରୁ ଏନେଇ ତହସିଲର ବିଭିନ୍ନ ସ୍ଥାନରେ ଜନସଚେତନତା କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଶୁକ୍ରବାର ଏନେଇ ଏକ ସ୍ମାରକ ପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କୋଦଳା ସ୍ଥିତ ବାବା ଦଣ୍ଡିଶ୍ୱର ମନ୍ଦିର ପୀଠରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି କୋଦଳା ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ପରେ ଏକ ସ୍ମାରକ ପତ୍ର କୋଦଳା ତହସିଲଦାର ସସ୍ମିତା ଶତପଥୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ସମେତ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ରାଜ୍ୟ ମୁଖ୍ୟ ଶାସନ ସଚିବ, ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଆବାହକ ତଥା ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର, କୋଦଳା ବରିଷ୍ଠ ନାଗରିକ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ଦୋରା, ପୂର୍ବତନ କାଉନସିଲର ସନ୍ତୋଷ ନାୟକ, ଏନଏସି ଉପାଧ୍ୟକ୍ଷ୍ୟ ରଞ୍ଜିତା ସେଠୀ, ଗଣେଷ ଯୁବକ ସଂଘ ସଭାପତି ସନ୍ତୋଷ କୁମାର ପ୍ରଧାନ, ସାମ୍ବାଦିକ ସୂର୍ଯ୍ୟ ନାରାୟଣ ବଡୁ, ସୁଶାନ୍ତ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଲେଇ, ଯୁବନେତା ପ୍ରମୋଦ ପଣ୍ଡା, ଚନ୍ଦନ ସ୍ୱାଇଁ, କାଳିମେଘି ସରପଞ୍ଚ ଅର୍ଚ୍ଚନା ତ୍ରିପାଠୀ, ସମିତି ସଭ୍ୟା ନୟନୀ ଗୌଡ଼, ଆସିକା ସମବାୟ ନିର୍ଦ୍ଦେଶକ ହୃଷିକେଶ ମେହେଣା, ଆଇନଜୀବୀ ମୀରାବାଇ ଦେଓ, ଶିକ୍ଷାବିତ ଉପମନ୍ୟୁ ଶତପଥୀ, ପୂର୍ବତନ ବଣିକ ସଂଘ ସଭାପତି ଅଭୟ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଏବଂ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

### ଗଞ୍ଜେଇ ତେଲ ଜବତ ଘଟଣା

## ୫ ସନ୍ଦିଗ୍ଧଙ୍କୁ କାବୁକରିଛି ପାଡୁଆ ପୁଲିସ!



ନନ୍ଦପୁର,୨୭।୨ (ସମିସ): ଗଞ୍ଜେଇ ତେଲ ଜବତ ଘଟଣାରେ ପଡୁଆ ପୁଲିସକୁ ମିଳିଛଇ ବଡ଼ ସଫଳତା । ଏହି ତେଲ ପ୍ରସ୍ତୁତିରେ ସମ୍ପୃକ୍ତ ୫ ଜଣ ସଂଦିଗ୍ଧକୁ ପୁଲିସ କାବୁକରି ତଦନ୍ତ କରୁଥିବା କୁହାଯାଉଛି। ଗତ ଗୁରୁବାର ଠାରୁ ଜଳବନ୍ଦୀ ଘେରା ପରଜା ବଡ଼ପଡ଼ା ଗ୍ରାମପଞ୍ଚାୟତ ର ଜଙ୍ଗଲ ମଧ୍ୟରେ ବଡ଼ଧରଣର ଅପରେସନ ଆରମ୍ଭ କରି ଗଞ୍ଜେଇ ସହ ଗଞ୍ଜେଇ ତେଲ ଜବତ କରାଯାଇଥିଲା। ଶୁକ୍ରବାର ଦ୍ୱିତୀୟ ଦିନରେ ସର୍ଚ୍ଚ ଅପରେସନ କରି ବଡ଼ ସଫଳତା ମିଳିଛି। ମିଳିଥିବା ଖବର ଅନୁସାରେ ଦ୍ୱିତୀୟ ଦିନ ଅପରେସନ ଆରମ୍ଭ କରି ତିନିରୁ ଅଧିକ ସଂଦିଗ୍ଧକୁ ଧରି ପୁଲିସ ପଚରା ଉଚରା କରୁଛି। ତେବେ ପାଡୁଆ ପୁଲିସ ପକ୍ଷରୁ ଏ ନେଇ କୌଣସି ସୂଚନା ଦିଆ ଯାଉନାହିଁ। ଜଣେ ସନ୍ଦିଗ୍ଧକୁ ଗତ ଗୁରୁବାର ଠାରୁ ଅଟକ ରଖି ତଦନ୍ତ ଆଗକୁ ବିଆଯାଉଥିବା ଆଲୋଚନା ହେଉଛି। ମିଳିଥିବା ଖବର ଅନୁସାରେ ଗଞ୍ଜେଇ ମାଫିଆ ମାନେ ବାହାର ରାଜ୍ୟରେ ରହିଥିବାରୁ ପୁଲିସ କିଭଳି ପଦକ୍ଷେପ ନେଉଛି ତାହାକୁ ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

### ଅସହ୍ୟ ହେଉଛି ଦାଦନ ଦୁଃଖ

## ଘର ଆଗରେ ଶବ ଛାଡ଼ି ମାଲିକ ଫେରାର୍



କାଲିମେଳା,୨୭।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ଆମ୍ବାଗୁଡ଼ା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଶୁକ୍ରବାର ଦିନ ଭୋର ସାଢେ ୪ଟା ସମୟରେ ଆମ୍ବାଗୁଡ଼ା ଗ୍ରାମର ପଦିଆ ମାଢିଙ୍କ ଶବକୁ ଘର ଆଗରେ ଫୋପାଡି ଦେଇ ମାଲିକ ଫେରାର ହୋଇଯାଇଥିବାର ମୃତକଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ସୂଚନା ମୁତାବକ ଆମ୍ବାଗୁଡା ଗ୍ରାମର ପଦିଆ ମାଢ଼ି (୫୦) ୪ ମାସ ତଳେ କର୍ଣ୍ଣାଟକର ଏକ ବୋରୱେଲ କମ୍ପାନୀରେ ଶ୍ରମିକ ଭାବରେ କାମ କରିବାକୁ ଯାଇଥିଲେ। ପଦିଆଙ୍କ ସହ ଗ୍ରାମର ଅନ୍ୟ ଦୁଇଜଣ ଲୋକ ମଧ୍ୟ ଏହି କମ୍ପାନୀରେ କାମ କରୁଥିଲେ। ଗୁରୁବାର ଦିନ କାମ କରୁଥିବା ସମୟରେ କୌଣସି କାରଣରୁ ପଦିଆ ଗାଡିରୁ ଖସି ପଡିବାରୁ ଛାତିରେ ଲୁହା ରଡ଼ ପଶି ଯାଇ ମୃତ୍ୟୁବରଣ କରିଥିଲେ। ହେଲେ କମ୍ପାନୀ ପକ୍ଷରୁ ପରିବାରକୁ କୌଣସି ଆଗୁଆ ସୂଚନା ନ ଦେଇ ଶୁକ୍ରବାର ଦିନ ଭୋର ସମୟରେ ଘର ଆଗରେ ମୃତ ପଦିଆଙ୍କର ଶବ ପକାଇ ଦେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଏ ସମ୍ପର୍କରେ ମାଲିକଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ତେବେ ଘର ଚଳାଇବା ପାଇଁ ଦାଦନ ଖଟିବାକୁ ଯାଇଥିବା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଭିନ୍ନ ଏକ ବାହାଘର

## ଏଆଇ ଯୁଗରେ ଶଗଡ଼ରେ ବର-କନିଆ

କବିସୂର୍ଯ୍ୟନଗର/ପୋଲସରା,୨୭।୨(ସମିସ)



ବହୁବର୍ଷ ପୂର୍ବେ ବିବାହ ବେଳେ କନ୍ୟାକୁ ହାତରେ ଧରି ବାହାଘର ପାଇଁ ନିଆଯାଉଥିଲା। ସେତେବେଳେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ଥିଲା। ଏହାପରେ ସବାରୀ ଓ ପରେ ପରେ ଶଗଡ଼ ଗାଡ଼ିରେ ଶାଶୂ ଘରକୁ ଯାଉଥିଲା କନ୍ୟା। ହେଲେ ଆଜିର କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଡିଜିଟାଲ ଯୁଗରେ ତାହା ବିଲୁପ୍ତ ହୋଇଯାଇଥିବା ବେଳେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ସାମନ୍ତରାପଲି ଗାଁରେ ଦେଖିବାକୁ ମିଳିଛି ବର୍ଷ ବର୍ଷର ସେହି ପୁରୁଣା ପରମ୍ପରା।

ଗ୍ରାମର ପ୍ରମୋଦ ପ୍ରଧାନଙ୍କ ଏକମାତ୍ର ପୁଅ ଶନିଶ୍ଚରଙ୍କ ବିବାହ କାର୍ଯ୍ୟରେ କାର୍ ବଦଳରେ ଶଗଡ଼ରେ ବୋହୂ ଆସିଛି। ପୁରୁଣା ପରମ୍ପରାକୁ ଉଜ୍ଜୀବିତ ରଖିବା ସହ ନିଜ ବିବାହକୁ ନିଆରା ଢଙ୍ଗରେ କରିବା ଉଦ୍ଦେଶ୍ୟରେ କବିସୂର୍ଯ୍ୟନଗର ସାମନ୍ତରାପଲ୍ଲି ଗାଁର ଶନିଶ୍ଚର ପ୍ରଧାନ ନେଇଥିଲେ ଭିନ୍ନ ପଦକ୍ଷେପ। ଆଉ କବିସୂର୍ଯ୍ୟନଗର ଓଡ଼ିଆ ସାହିର ଶଗଡ଼ିଆ ସୁରେନ୍ଦ୍ର ସ୍ୱାଇଁ ଓ ଯୁଧିଷ୍ଠିର ପରିଡ଼ାଙ୍କଠାରୁ ଶଗଡ଼ ଆଣି ତାକୁ ରାତି ତମାମ ସଜାଇ ନିଜ ବିବାହରେ ବ୍ୟବହାର କରିଥିଲେ। ଏଥିସହ ଶନିଶ୍ଚର ନିଜର ଧର୍ମପତ୍ନୀଙ୍କୁ ଆଣିବା ପାଇଁ କାର୍ ବଦଳରେ ଶଗଡ଼କୁ ବ୍ୟବହାର କରିଥିଲେ। ଡିଜେ ସାଉଣ୍ଡ ବଦଳରେ ବାହାଘର ଶୋଭାଯାତ୍ରାରେ ବାଘ, ଷଣ୍ଢ ନୃତ୍ୟ ପରିବେଷଣ ହୋଇଥିଲା। ବୋହୂ ହୋଇ ଆସିଥିଲେ ପୋଲସରା ବ୍ଲକ କଳମ୍ବ ଗ୍ରାମର ସ୍କୁଲସାହି ଦେବରାଜ ପ୍ରଧାନଙ୍କ ଝିଅ ବର୍ଷା ପ୍ରଧାନ।



ଶଗଡ଼ରେ ବର-କନିଆଁ ଆସିବାବେଳେ ରାସ୍ତାରେ ବହୁ ଯୁବକ ଯୁବତୀ ସେଲ୍‌ଫି ନେଉଥିବାବେଳେ ଗ୍ରାମବାସୀ ଦାଣ୍ଡକୁ ଆସି ଦେଖି ଘଡ଼ିଏ ଛିଡ଼ା ହେଉଥିଲେ। ଶନିଶ୍ଚର ପ୍ରଧାନଙ୍କ ଏଭଳି ନିଆରା ଉଦ୍ୟମ ଏବେ ସବୁଆଡ଼େ ଆଲୋଚ୍ୟର ବିଷୟ। ଏହିଭଳି ପୁରାତନ ପରମ୍ପରାକୁ ପୁଣି ପାଳନ କରିବା ପୁରା ଯୁବ ସମାଜ ପାଇଁ ଉଦାହରଣ ହୋଇଥିବା ବେଳେ ଶନିଶ୍ଚରଙ୍କ ମା,ଖୁଡୀ ମଧ୍ୟ ଶଗଡ଼ରେ ଆସିଥିଲେ। ଏବେ ତାଙ୍କରି ପୁତ୍ରବଧୂ ମଧ୍ୟ ଶଗଡ଼ରେ ଆସିବା ଏକ ସ୍ମୃତି ହୋଇ ରହିବ ବୋଲି କହିଛନ୍ତି।

## ଭଞ୍ଜନଗରରେ ଉପେନ୍ଦ୍ର ଭଞ୍ଜ ସ୍ମୃତିସଭା

ଭଞ୍ଜନଗର,୨୭ ।୨(ସମିସ): ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କବି ସମ୍ରାଟ ସାହିତ୍ୟ ସଂସଦର ମିଳିତ ସହଯୋଗରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭଞ୍ଜ ଗବେଷକ ଡ କମ୍ବୁପାଣି ପାଣି ସାମନ୍ତ, ମୁଖ୍ୟବକ୍ତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଅତିଥି ନାଟ୍ୟକାର ବିଜୟ ଦାଶ, ସମ୍ମାନୀତ ଅତିଥି ରବୀନ୍ଦ୍ରନାଥ ଆଚାର୍ଯ୍ୟ, ଆଇନଜୀବୀ ସୋମନାଥ ନାୟକ, ଚିନ୍ମୟ ବେବର୍ତ୍ତା, ସାହିତ୍ୟ ଏକାଡେମୀ ସଚିବ ସଂଜୟ କୁମାର ଛୁଆଳ ସିଂ ପ୍ରମୁଖ ମଞ୍ଚାସୀନ ରହିଥିଲେ। କବିସମ୍ରାଟ ସାହିତ୍ୟ ସଂସଦ ର ସଭାପତି ତଥା ଭଞ୍ଜ ଗବେଷକ ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସ୍ମୃତି ସଭାକୁ ଯୁବ ସାହିତ୍ୟିକ ଶ୍ୟାମା ପ୍ରସାଦ ମିଶ୍ରଙ୍କ ସଂଯୋଜନା କରିଥିଲେ।



ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ, ଅଧ୍ୟାପକ ଦୁର୍ଗା ମାଧବ ଦାଶ, ଗଣେଶ୍ୱର ସାହୁ ଓ ଅଧ୍ୟାପକ ଲୋକନାଥ ମହାନ୍ତି ପ୍ରାରମ୍ଭିକ ଭଞ୍ଜ ସଙ୍ଗୀତ ଗାନ କରିଥିଲେ ଓ ଶିକ୍ଷକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଏମାଟିର ବରପୁତ୍ର କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାରସ୍ୱତ ପ୍ରତିଭା ବିଶ୍ୱ ଦରବାରରେ ଓଡିଆ ଅସ୍ମିତାକୁ ପରିଚିତ କରାଇଥିବା ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଶ୍ରୀ ମହାପାତ୍ର ଭଞ୍ଜଙ୍କ ଅତୁଳନୀୟ କଳାକୁ ଲୋକପ୍ରିୟ କରିବାରେ ସମସ୍ତେ ହାତ ମିଳାଇ କାର୍ଯ୍ୟ କରିବା ନିମନ୍ତେ ଆହ୍ୱାନ ଦେଇଥିଲ ଏବଂ ଉପେନ୍ଦ୍ର ଭଞ୍ଜଙ୍କ ଓଡ଼ିଆ ଭାଷାକୁ ସଂସ୍କୃତ ସାହିତ୍ୟର ସମକକ୍ଷ କରାଇବାକୁ ଉଦ୍ୟମ, ଭଞ୍ଜ ବଂଶର ଇତିହାସ, ସାହିତ୍ୟ ସାଧନା ଇତ୍ୟାଦି ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଶିବରାମ ପଣ୍ଡା ଭଞ୍ଜ ସାହିତ୍ୟରେ ଥିବା ସାରଗର୍ଭତାର ଅନେକ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ। କବି ପ୍ରଭାତ କୁମାର ଆଚାର୍ଯ୍ୟ ଓ କବି ବିମ୍ବାଧର ଷଡ଼ଙ୍ଗୀଙ୍କୁ ନିଜର ସାରସ୍ୱତ ସାଧନା ନିମନ୍ତେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚିନ୍ମୟ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

